# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 08th July – 2026

***********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଗସ୍ତରେ ଆସନ୍ତାକାଲି ଆସିବେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ।

— ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଦସ୍ତାବିଜ୍ର କରିବେ ଉନ୍ମୋଚନ ।

- ମତ୍ସ୍ୟ ଉତ୍ପାଦନର କେନ୍ଦ୍ରସ୍ଥଳୀ ଭାବେ ଓଡ଼ିଶା ଉଭା ହୋଇଛି; କହିଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ।

- ପି.ଏମ୍. ସୂର୍ଯ୍ୟଘର ଯୋଜନାକୁ ପି.ଏମ୍ ଆବାସ ଯୋଜନା ସହ ସଂଯୋଗ କରିବେ ରାଜ୍ୟ ସରକାର ।

ଏବଂ

- ଯୁକ୍ତ ୩ରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଲାଗି ପ୍ରକାଶ ପାଇଲା ସଂଶୋଧିତ ସୂଚୀ ।

*PIB*

# ଉପରାଷ୍ଟ୍ରପତି - ଭୁବନେଶ୍ୱର ଗସ୍ତ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ । ଏହି ଅବସରରେ ଉପରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ' ଦସ୍ତାବିଜ୍‌ର ଉନ୍ମୋଚନ କରିବେ । ଏହାସହ ସମୁଦ୍ରରେ ଦୀର୍ଘସ୍ଥାୟୀ ମତ୍ସ୍ୟପାଳନପାଇଁ ଅନୁମୋଦନ ପତ୍ର ପ୍ରଦାନ କରିବେ । କେନ୍ଦ୍ର ଓ ରାଜ୍ୟ ସରକାର ମତ୍ସ୍ୟଚାଷୀ ଉତ୍ପାଦକ ସଙ୍ଗଠନ ଓ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ନୀଳ ଅର୍ଥବ୍ୟବସ୍ଥା, ଯାହା ରାଜ୍ୟର ଉପକୂଳ ଏବଂ ଗଭୀର ସମୁଦ୍ର ମାଛଧରିବା ସମ୍ଭାବନାକୁ ସୁଦୃଢ଼ କରିବ । ଆଧୁନିକ ମତ୍ସ୍ୟଚାଷ ଭିତ୍ତିଭୂମି, ମୂଲ୍ୟ ଶୃଙ୍ଖଳ, ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟଚାଷ ପରିଚାଳନା, ବଜାର ସଂଯୋଗୀକରଣରେ ନିବେଶ ମାଧ୍ୟମରେ ମତ୍ସ୍ୟଚାଷୀଙ୍କ ଆୟ ବୃଦ୍ଧି ଏବଂ ସାମୁଦ୍ରିକ ମତ୍ସ୍ୟଚାଷ କ୍ଷେତ୍ରର ଦୀର୍ଘସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବାପାଇଁ ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ,

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବାର କାର୍ଯ୍ୟସୂଚୀ ରହିଛି ।

***Desk***

# ପ୍ରଧାନ - ନୀଳ ଅର୍ଥନୀତି

ଓଡ଼ିଶା ମତ୍ସ୍ୟ ଉତ୍ପାଦନର କେନ୍ଦ୍ରସ୍ଥଳୀ ଭାବେ ଉଭା ହୋଇଛି ବୋଲି କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଗୋପାଳନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ କହିଛନ୍ତି । ଭୁବନେଶ୍ୱରଠାରେ ଓଡ଼ିଶାରେ ମତ୍ସ୍ୟଚାଷ ଓ ଆକ୍ୱା-କଲ୍‌ଚର ଯୋଜନାର ସମୀକ୍ଷା କରି ଶ୍ରୀ ସିଂହ କହିଛନ୍ତି, ଓଡ଼ିଶାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨ ଲକ୍ଷ ୭୦ ହଜାର ମେଟ୍ରିକ୍ ଟନ୍ ମତ୍ସ୍ୟ ଉତ୍ପାଦନ ହୋଇଛି । ଏହାଦ୍ୱାରା ୧୬ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀଙ୍କୁ ସହାୟତା ମିଳିପାରିଛି । ଏହାସହ ଓଡ଼ିଶାରେ ୫ ହଜାର ୪୨୯ କୋଟି ସାମୁଦ୍ରିକ ଉତ୍ପାଦ ରପ୍ତାନୀ ହୋଇଛି । ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନାରେ ଓଡ଼ିଶାପାଇଁ ୧ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ ମଞ୍ଜୁର ହେବାଦ୍ୱାରା ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଛି । ଏହାସହ ଭିତ୍ତିଭୂମିର ବିକାଶ, ମତ୍ସ୍ୟଜୀବୀଙ୍କ କଲ୍ୟାଣ ଏବଂ ଉତ୍ପାଦନ ପରବର୍ତ୍ତୀ ସୁବିଧା ମଧ୍ୟ ଉପଲବ୍ଧ ହୋଇଛି । ମତ୍ସ୍ୟ ଓ ମତ୍ସ୍ୟଜାତ ଉତ୍ପାଦର ରପ୍ତାନୀ ବୃଦ୍ଧି ପାଇଲେ ରାଜ୍ୟର ଅର୍ଥନୀତି ସୁଦୃଢ଼ ହେବ ବୋଲି ବୈଠକରେ ଶ୍ରୀ ସିଂହ କହିଛନ୍ତି ।

***Voice (Rajib Ranjan)*** :……

ବୈଠକରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶାରେ ନୀଳ ଅର୍ଥନୀତି ସଙ୍କଳ୍ପକୁ ସାକାର କରିବାପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଗ୍ରାମାଞ୍ଚଳରେ ଉତ୍ପାଦିତ ହେଉଥିବା ମାଛକୁ ବିଦେଶକୁ ରପ୍ତାନୀ କରି ମତ୍ସ୍ୟଜୀବୀଙ୍କ ଆର୍ଥିକ ଭାବେ ସମୃଦ୍ଧ କରିବାପାଇଁ ବୈଠକରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି । ରାଜ୍ୟରେ ଗଭୀର ସମୁଦ୍ରରେ ମାଛ ଉତ୍ପାଦନ ଯୋଜନାର ବିକାଶ ସହ ଯୁବବର୍ଗ ଓ ଷ୍ଟାର୍ଟଅପ୍‌ଗୁଡ଼ିକୁ ଆର୍ଥିକ ଅନୁଦାନ ଓ ଋଣ ଯୋଗାଇଦେବାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଆଗାମୀ ବର୍ଷଗୁଡ଼ିକରେ ସାମୁଦ୍ରିକ ରପ୍ତାନୀକୁ ବୃଦ୍ଧି କରିବାପାଇଁ ଲକ୍ଷ୍ୟଧାର୍ଯ୍ୟ ସହିତ ଓଡ଼ିଶାର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

***Voice (Pradhan)*** :……

***Desk***

# ପେସା ଆଇନ

ରାଜ୍ୟରେ ଖୁବ୍‌ଶୀଘ୍ର ପେସା ଆଇନ କାର୍ଯ୍ୟକାରୀ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ଏ ସମ୍ପର୍କରେ କ୍ୟାବିନେଟ୍ ବୈଠକରେ ପ୍ରସ୍ତାବ ଆଗତ କରାଯିବ । ପେସା ଆଇନ କାର୍ଯ୍ୟ କରିବା ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଆଇନକୁ ଠିକ୍ ଭାବରେ ଲାଗୁ କରିବାପାଇଁ ବିସ୍ତୃତ ଆଲୋଚନା

କରାଯାଇଛି । ପେସା ଆଇନ ଲାଗୁ କରାଯିବା ପରେ ଏହାର ସଠିକ୍ କାର୍ଯ୍ୟକାରିତା ନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

***Desk***

## ଶ୍ରମିକ - ତଥ୍ୟ ସଂଗ୍ରହ

ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ତଥ୍ୟ ସଂଗ୍ରହ କରି ଶ୍ରମବିଭାଗକୁ ପ୍ରଦାନ କରିବାକୁ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି । ବିନା ପଞ୍ଜୀକରଣରେ ବାହାର ରାଜ୍ୟକୁ ଶ୍ରମିକ ପଠାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

***IPR***

## ପି.ଏମ୍. ସୂର୍ଯ୍ୟଘର

ରାଜ୍ୟର ପ୍ରତ୍ୟେକ ଘରକୁ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ନେଇ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଶକ୍ତିକ୍ଷେତ୍ରର ସୁଧାର,

ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଆୟୋଜିତ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ପି.ଏମ୍. ସୂର୍ଯ୍ୟଘର ଯୋଜନାକୁ ପି.ଏମ୍. ଆବାସ ଯୋଜନା ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନାରେ ସଂଯୋଗ କରାଯିବ । ପି.ଏମ୍. ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାରେ ପ୍ରତ୍ୟେକ ହିତାଧିକାରୀ ସୌରଶକ୍ତିର ସୁବିଧା ପାଇବା ସରକାରଙ୍କ ଲକ୍ଷ୍ୟ । ଏହି ଯୋଜନା ଅଧୀନରେ ସହରାଞ୍ଚଳରେ ୧ କିଲୋୱାଟ୍ ବିଶିଷ୍ଟ ଛାତ ଉପରେ ସୌରଶକ୍ତି ପ୍ୟାନେଲ୍ ସ୍ଥାପନ ପାଇଁ କେନ୍ଦ୍ର ପକ୍ଷରୁ ୩୦ ହଜାର ଟଙ୍କା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ୨୫ ହଜାର ଟଙ୍କା ରିହାତି ପ୍ରଦାନ କରାଯାଉଛି । ହିତାଧିକାରୀଙ୍କୁ ମାତ୍ର ୧ ହଜାର ୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ । ଏହାଦ୍ୱାରା ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଉପଲବ୍ଧ ହେବା ସହ ବିଦ୍ୟୁତ୍ ବିଲ୍ ମଧ୍ୟ ହ୍ରାସ ପାଇବ । ରାଜ୍ୟର ସମସ୍ତ ୪ଟି ବିଦ୍ୟୁତ୍ ବିତରଣ କମ୍ପାନୀ ମାଧ୍ୟମରେ ୩ ହଜାର ୭୦୮ କୋଟି ଟଙ୍କା ବ୍ୟୟରେ ଭୂତଳ କେବୁଲ୍ ବିଛାଯିବ । ଫଳରେ କାଳବୈଶାଖୀ ଓ ବାତ୍ୟା ସମୟରେ ବିଦ୍ୟୁତ୍‌ସେବା ବାଧାପ୍ରାପ୍ତ ହେବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

***Sambalpur/R***

# ପ୍ରଭାତୀ ପରିଡ଼ା – ସୁଭଦ୍ରା ଯୋଜନା

ସୁଭଦ୍ରା ଶକ୍ତି ଯୋଜନା ମାଧ୍ୟମରେ ରାଜ୍ୟର ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ସଶକ୍ତ ହୋଇପାରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ

ପ୍ରଭାତୀ ପରିଡ଼ା କହିଛନ୍ତି । ସମ୍ବଲପୁରଠାରେ ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି, ରାଜ୍ୟରେ ଥିବା ୬ ଲକ୍ଷ ୧୦ ହଜାର ସ୍ୱୟଂ ସହାୟକ ଗୋଷ୍ଠୀରୁ ୨୬ ଲକ୍ଷ ୪୦ ହଜାର ମହିଳାଙ୍କୁ ଲକ୍ଷପତି ଦିଦି କରାଯାଇଛି । ଦକ୍ଷତା ଓ ନେତୃତ୍ୱ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀରେ ବରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗିର, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ବ୍ଲକ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ ।

***Desk***

## ଯୁକ୍ତ ୩ - ଚଏସ୍ ଫିଲିଙ୍ଗ୍

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପାଠ୍ୟକ୍ରମର ନାମଲେଖା ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଆସନ୍ତାକାଲିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ନାମଲେଖା ଜାରି ରହିବ।

ସେହିଭଳି ରାଜ୍ୟରେ ଯୁକ୍ତ ତିନିରେ ପ୍ରଥମ ପର୍ଯ୍ୟାୟ ନାମ ଲେଖା ଲାଗି ଆଜି ସଂଶୋଧିତ ସୂଚୀ ପ୍ରକାଶ ପାଇଛି । ଆଜିଠାରୁ ଆସନ୍ତା ରବିବାର ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଚଏସ୍ ଫିଲିଙ୍ଗ୍ କରିପାରିବେ । କେ.ଜି.ରୁ ପି.ଜି. ମାଗଣା ନାମଲେଖା ଘୋଷଣା ପରେ ଏହି ସଂଶୋଧିତ ସୂଚୀ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି । ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ସାମିଲ୍ ଥିବା ଛାତ୍ରଛାତ୍ରୀମାନେ ଏହି ପର୍ଯ୍ୟାୟରେ ମଧ୍ୟ ଚଏସ୍ ଫିଲିଙ୍ଗ୍ କରିପାରିବେ । ଅଧିକ ସୂଚନାପାଇଁ ଛାତ୍ରଛାତ୍ରୀମାନେ samsodisha.gov.in ୱେବ୍‌ସାଇଟ୍

ଲଗ୍‌ଇନ୍ କରିପାରିବେ । ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ଆସନ୍ତା ୨୦ ତାରିଖରେ ପ୍ରକାଶ ପାଇବ ।

***Nabarangpur/R***

## ଅଗ୍ନି ନିରାପତ୍ତା ନିୟମ

ନବରଙ୍ଗପୁର ଜିଲ୍ଲାରେ ଅଗ୍ନି ନିରାପତ୍ତା ନିୟମର କଡ଼ାକଡ଼ି ପାଳନକୁ ସୁନିଶ୍ଚିତ କରିବାପାଇଁ ଜିଲ୍ଲାସ୍ତରୀୟ ତଦାରଖ ଦଳ ଗଠନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ଚନ୍ଦ୍ର ବର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, କୋଚିଙ୍ଗ୍ ସେଣ୍ଟର, ଛାତ୍ରାବାସ, ଦକ୍ଷତା ବିକାଶ କେନ୍ଦ୍ର ଆଦି ବିଭିନ୍ନ ସ୍ଥାନରେ ଏହି ତଦାରଖ ଦଳ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରିବେ । ୭ ଦିନ ମଧ୍ୟରେ ଯାଞ୍ଚ୍ କାର୍ଯ୍ୟ ଶେଷକରି ସଂଶୋଧନମୂଳକ ପଦକ୍ଷେପ ସମ୍ପର୍କିତ ଏକ ସମନ୍ୱିତ ରିପୋର୍ଟ ଦାଖଲ କରିବେ ।

***Desk***

## ବନ୍ୟାଜଳ - ବୈଠକ

ହୀରାକୁଦ ନଦୀବନ୍ଧ ଜଳ ପରିଚାଳନା ନେଇ ସମ୍ବଲପୁର ଜିଲ୍ଲା ବୁର୍ଲାସ୍ଥିତ ଅଶୋକ ନିବାସଠାରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଆନ୍ତଃରାଜ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଛତିଶଗଡ଼ରେ ଥିବା ହୀରାକୁଦ

ଜଳଭଣ୍ଡାରର ସରାଡିହି ଓ ସିଓରି ନାରାୟଣଠାରେ ୨ଟି ଗଜ୍ ଷ୍ଟେସନ୍‌କୁ ସ୍ଥାନାନ୍ତର କରାଯିବ । ଏଥିପାଇଁ ଛତିଶଗଡ଼ ସରକାରଙ୍କୁ ଆପତ୍ତିବିହୀନ ପ୍ରମାଣପତ୍ର ମଗାଯାଇଛି ବୋଲି ସର୍ବୋଚ୍ଚ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି । ଗଜ୍ ଷ୍ଟେସନ୍ ବ୍ୟାରେଜ୍ ବାହାରେ ରହୁଥିବାରୁ ହୀରାକୁଦ ଜଳଭଣ୍ଡାର ଜଳପ୍ରବାହର ସଠିକ୍ ତଥ୍ୟ ମିଳିପାରୁ ନାହିଁ । ବୈଠକରେ କେନ୍ଦ୍ରୀୟ ଜଳ ଆୟୋଗର ଅଧିକାରୀ, ଓଡ଼ିଶା ଓ ଛତିଶଗଡ଼ ଜଳ ସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆସନ୍ତାକାଲି ହୀରାକୁଦ ଜଳଭଣ୍ଡାରରୁ ନିଷ୍କାଷିତ ହେବାକୁ ଥିବା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଉପରେ ଆଲୋଚନା ହୋଇଛି। କଲ୍‌ମା ବ୍ୟାରେଜ୍‌ର ୬୧ଟି ଗେଟ୍ ଖୋଲାଯାଇଥିବା ବେଳେ ୫ଟି ଗେଟ୍ ବନ୍ଦ କରାଯାଇଛି।

***Desk***

## ଖେଲୋ ଇଣ୍ଡିଆ

ଅଷ୍ଟମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ପ୍ରତିଯୋଗିତା-୨୦୨୬ ଚଳିତଥର ତେଲଙ୍ଗାନା ପକ୍ଷରୁ ଆୟୋଜନ କରାଯିବ। କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆଜି ଏହି ବିଷୟରେ ଘୋଷଣା କରିଛନ୍ତି। ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଏହି କ୍ରୀଡ଼ା ପ୍ରତିଯୋଗିତା ଦେଶର ଯୁବବର୍ଗଙ୍କୁ ସେମାନଙ୍କର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ ପାଇଁ ଉତ୍ତମ ମଞ୍ଚ ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଯୁବ ପ୍ରତିଭାମାନଙ୍କୁ ତୃଣମୂଳସ୍ତରରୁ

ଲୋକଲୋଚନକୁ ଆଣିବା ଲାଗି ନେଇଥିବା ପଦକ୍ଷେପର ଏହା ଏକ ଅଂଶସ୍ୱରୂପ ବୋଲି ସେ କହିଛନ୍ତି।

***Met. O.***

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଅବପାତ ଦୁର୍ବଳ ହେବା ପରେ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି । ଆଜିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ।

******